# Akashvani, Sambalpur

# SAMBALPURI NEWS BULLETIN

## 10 January 2025- 6.47- 6.52 am.

*********************************************

ପ୍ରବାସୀ ଭାରତୀୟ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ଚାଲିଥିବା ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ସମାରୋହ ଆଏଜ୍ ସର୍‌ବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଯାପନୀ ଉତ୍ସବ୍‌ଥି ମୁଖିଆ କୁନୁଆଁ ହିସାବେ ଯୋଗ୍ ଦେଇକରି ପ୍ରବାସୀ ଭାରତୀୟମାନ୍‌କୁ ସମ୍ମାନିତ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ କେନ୍ଦ୍ରମନ୍ତ୍ରୀମାନେ ଆର୍ ଦୁହି ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ୍ ରହେବେ । ଇ ଉଧେ 'ନାରୀଙ୍କ ଶକ୍ତି ଏବଂ ପ୍ରଭାବର ଉତ୍ସବ- ନାରୀଶକ୍ତି' ବିଷେଥି ଗୁଟେ ଅଧିବେଶନ୍ ଆର୍ 'ସଂସ୍କୃତି, ସମ୍ପର୍କ ଏବଂ ଆତ୍ମୀୟତାର ଗାଥା' ବିଷେଥି ଗୁଟେ ଆଲୋଚନାଚକ୍ର ହେବା ।

ଡିଡି ନ୍ୟୁଜ୍ ଆର୍ ଡିଡି ଓଡ଼ିଆ ସହେତେ ଇତାର୍ ୟୁଟ୍ୟୁବ୍ ଚେନାଲ୍‌ମାନ୍‌କେ କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ କରାଯିବା ବଲି ସୂଚନା ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଗଲାକାଏଲ୍ ରେଲ ଆର୍ ସୂଚ୍‌ନା ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ପ୍ରବାସୀ ଭାରତୀୟମାନଙ୍କର୍ ସଙ୍ଗେ ବିକଶିତ ଭାରତ-୨୦୪୭ ବିଷେଥି ଆଲୋଚନା କର୍‌ବାର୍ ସହେତେ ଓଡ଼ିଶା ନ ଚାଲିଥିବା ରେଲ୍ ପ୍ରକଳ୍ପ ନିର୍ମାଣ୍ ବିଷେଥି ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ କଥା ହେଇଛନ୍ । ଖୋବ୍ ଜଲ୍‌ଦି ଦେଶେ ୧୨ ଶହ ଏଚ୍.ପି. ହାଇଡ୍ରୋଜେନ୍ ଟ୍ରେନ୍ ଚାଲ୍‌ବା ବଲି ରେଲ୍‌ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ । ଇହାଦେ ପୁର୍‌ଥିର୍ ଖାଲି ୪ ଟା ଦେଶେ ୫ ଶହ ନୁ ୬ ଶହ ଏଚ୍.ପି. ହାଇଡ୍ରୋଜେନ୍ ଟ୍ରେନ୍ ଚାଲିଛେ । ୧୨ ଶହ ଏଚ୍.ପି.ର ହାଇଡ୍ରୋଜେନ୍ ଟ୍ରେନ୍ ଭାରତ୍ ଲାଗି ଗୁଟେ ବଡ଼୍ ଉପଲବ୍ଧି ହେବା ବଲି ଶ୍ରୀବୈଷ୍ଣବ୍ କହିଛନ୍ । ସେନ୍ତା ଓଡ଼ିଶାକେ ଗୁଟେ ଆଇଟି ହବ୍ ବନାଯିବା, ସେଥିର୍‌ଲାଗି ୨ / ୩ ମାସେ କାମ୍ ମୁଲ୍ ହେବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀବୈଷ୍ଣବ୍ କହିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଲାକାଏଲ୍ ପ୍ରବାସୀ ଭାରତୀୟ ଦିବସ୍ କାର୍ଯ୍ୟକ୍ରମ୍ ଉଧେ ଆମେରିକା, ଓମାନ୍ ଆର୍ କାତାର୍‌ର ପ୍ରତିନିଧି ଆର୍ ନ୍ୟୁଜ୍ ୱିକ୍ ସିଇଓ ଡକ୍ଟର୍ ଦେବ୍‌ପ୍ରଗାଢଙ୍କର୍ ସାଙ୍ଗେ ଆଲୋଚନା କରିଥିଲେ । ଉପସାଗରୀୟ ଦେଶ୍‌ମାନ୍‌କେ ଉଚ୍ଚଶିକ୍ଷା ଦିଗେ ପ୍ରବାସୀ

ଭାରତୀୟମାନେ କେନ୍ତାକରି ଭାରତ୍‌ର ଶିକ୍ଷା ବ୍ୟବସ୍ଥାକେ ମଜ୍‌ବୁତ୍ କର୍‌ବେ ସେ ଦିଗେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଆଲୋଚନା କରିଥିଲେ ।

ସେଆଡ଼େ ସଞ୍ଜ୍‌ବେଲେ ଜନତା ମଇଦାନ୍ ଭାରତ୍ ଆର୍ ଭାରତୀୟଙ୍କର୍ କାହାଣୀ ବିଷେଥି ପ୍ରସ୍ତୁତ୍ ନାଚ୍ ଗୀତ୍‌ଥି ଗଜ୍‌ଗଜେଇ ଯାଇଥିଲା ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏବା ୧୩ ତାରିଖ୍ ସୋମ୍‌ବାର୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଇ-କେୱାଇସି ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାନୁଆରୀ ୩୧ ତାରିଖ୍‌ତକ୍ ଇ-କେଓ୍ୱାଇସି ନାଇଁ କଲେ ହିତାଧିକାରୀମାନ୍‌କର୍ ରାସନ୍‌କାର୍ଡ୍ କଟିଯିବା ବଲି ଓଡ଼ିଶା ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ଆଘୋନୁ ଜାନୁଆରୀ ୧୫ ତାରିଖ୍‌ତକ୍ ଇ-କେଓ୍ୱାଇସି କର୍‌ବାର୍ ଶେଷ୍ ଦିନ୍ ଥିଲା । ହିତାଧିକାରୀମାନେ ବାହାର୍ ରାଜ୍ୟ ନ ଥିଲେ ଅଧିକାରୀମାନେ ତାଙ୍କର୍ ପାଖ୍‌କେ ଯାଇକରି ଇ-କେଓ୍ୱାଇସି ଅପ୍‌ଡେଟ୍ କରିଦେବେ ଆର୍ ଯେନ୍‌ମାନେ ଇ-କେଓ୍ୱାଇସି ନାଇଁକରେଇ ଜଲ୍‌ଦି କରେଇ ଦଉନ୍ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଉପମୁଖ୍ୟମନ୍ତ୍ରୀ- ରାଜସ୍ଥାନ୍ ଗସ୍ତ    ଆର୍‌ଏନ୍‌ୟୁ/ ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍‌ଠାନୁ ୧୪ ତାରିଖ୍‌ତକ୍ ରାଜସ୍ଥାନ୍ ଗସ୍ତଥି ଯିବେ। ଇ ଉଧେ ଉପମୁଖ୍ୟମନ୍ତ୍ରୀ କେନ୍ଦ୍ର ମହିଲା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ହେବାର୍‌କେ ଥିବା ଚିନ୍ତନ୍ ଶିବିର କାର୍ଯ୍ୟକ୍ରମ୍‌ଥି ଯୋଗ୍‌ଦେବେ। ଇତାର୍‌ସହେତେ ରାଜସ୍ଥାନ୍‌ର ପର୍ଯ୍ୟଟନ୍ ମନ୍ତ୍ରୀ ଆର୍ ବରିଷ୍ଠ ଅଧିକାରୀଙ୍କର୍ ସହେତେ ପର୍ଯ୍ୟଟନ୍ ଶିଳ୍ପର୍ ବିକାଶ୍ ବାବ୍‌ଦେ ଆଲୋଚନା କର୍‌ବେ ।

ବର୍‌ଗଡ଼୍ ଧନୁଯାତ୍ରା       ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ୮ ନମ୍ବର୍ ଦିନେ ମଥୁରା ନଗରୀ ନ କୃଷ୍ଣ, ବଳରାମଙ୍କୁ ନିମନ୍ତ୍ରଣ୍ ଲାଗି ଅକ୍ରୁରଙ୍କର୍ ଗୋପପୁର ଗମନ, ଇନ୍ଦ୍ରଙ୍କର୍ ସହେତେ ଯୁଦ୍ଧ ଆର୍ ବନ୍ଦୀ, ଯମପୁର ଆକ୍ରମଣ୍, ମହାରାଜ୍ କଂସଙ୍କର୍ ନଗର୍ ବୁଲ୍‌ବାର୍ ଦୃଶ୍ୟ ଦେଖିବାର୍‌କେ ମିଲ୍‌ବା । ସେନ୍ତା ଗୋପପୁରେ ଶ୍ରୀକୃଷ୍ଣଙ୍କର୍ ଗିରି ଗୋବର୍ଦ୍ଧନ୍ ଧାରଣ, ଅକ୍ରୁରଙ୍କର୍ ଗୋପପୁର ପ୍ରବେଶ୍ ଆର୍ କୃଷ୍ଣ-ବଳରାମ୍‌ଙ୍କର୍ ସଙ୍ଗେ ଭେଟ୍, ଯମୁନା ନ ଶ୍ରୀକୃଷ୍ଣଙ୍କର୍ ପାଦଚିହ୍ନ ଦର୍ଶନ୍ ବାଗିର୍ ଦୃଶ୍ୟ ଅଭିନୟ କରାଯିବା ।

ଗଲାକାଏଲ୍ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ, କଂସଙ୍କର୍ ନଗର୍ ଭ୍ରମଣ୍, ରାଜ୍‌ଦର୍‌ବାର୍‌ଥି ନ୍ୟାୟ ବିଚାର୍, ଗୋପୀମାନ୍‌କର୍ ଦହିବିକା, ରାଧାକୃଷ୍ଣଙ୍କର୍ ନାବକେଳି, ଶଙ୍ଖଚୂଡ଼୍ ବଧ ଆର୍ ନନ୍ଦ ଦର୍‌ବାର୍‌ଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଇଥିଲା ।

ଯୋରନ୍ଦା ମେଳା       ଆର୍‌ଏନ୍‌ୟୁ/ ସମ୍ବଲପୁର

ଫେବୃଆରୀ ୧୧ ତାରିଖ୍‌ନୁ ମୁଲ୍‌ ହେବା ଢେଙ୍କାନାଲ୍‌ର ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା । ମେଳା ୨ ଦିନ୍‌ତକ୍‌ ଚାଲ୍‌ବା ବଲି ଗଲାକାଏଲ୍‌ ଜିଲ୍ଲା ପ୍ରଶାସନ୍‌ ତର୍‌ଫୁ ହେଇଥିବା ପ୍ରସ୍ତୁତି ବୈଠକ୍‌ଥି ଇ ବାବ୍‌ଦେ ନିଷ୍ପତି ହେଇଛେ ।

ପାଣି ପଂଚାୟତ୍‌ର -ସମୀକ୍ଷା ବୈଠକ୍‌ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍‌ ତିଖାଲି ନିମ୍ନ ଇନ୍ଦ୍ରଜଳସେଚନ ପ୍ରକଳ୍ପ ପାଣି ପଂଚାୟତ୍‌ର ଗୁଟେ ସମୀକ୍ଷା ବୈଠକ୍‌ ଗଲାକାଏଲ୍‌ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍‌ ମଧୁସୂଦନ୍‌ ଦାସ ଯୋଗ୍‌ ଦେଇକରି ପାଣିପଂଚାୟତ୍‌ ଲାଗି ଭିନ୍‌ ଭିନ୍‌ ପଦକ୍ଷେପ୍‌ ନେବାର୍‌ସହେତେ ପାନିର୍‌ ଠିକ୍‌ ଭାଗ୍‌ବଂଟା ଉପ୍‌ରେ ଆଲୋଚନା କରିଥିଲେ । ବୈଠକ୍‌ଥି ଖଡ଼ିଆଲ୍‌ ବିଧାୟକ୍‌ ଅଧିରାଜ୍‌ ପାଣିଗ୍ରାହୀ ଆର୍‌ ବିଭାଗୀୟ ଅଧିକାରୀମାନେ ଯୋଗ୍‌ ଦେଇଥିଲେ ।

ହକି ଇଣ୍ଡିଆ ଲିଗ୍‌ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ ନ ଆଏଜ୍‌ ସ୍ରାଚୀ ରାହା ବେଙ୍ଗଲ୍‌ ଟାଇଗର୍ସ ଆର୍‌ ତାମିଲ୍‌ନାଡୁ ଡ୍ରାଗନ୍ସ ଭିତ୍‌ରେ ମେଚ୍‌ ହେବା ।

ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଖେଲ୍ ମୁଲ୍ ହେବା ।
ଗଲାକାଏଲ୍ ଟିମ୍ ଗୋନାସିକା କେ ୨-୧ ଗୋଲ୍‌ଥି ହରେଇକରି ବେଦାନ୍ତ କଳିଙ୍ଗ ଲାନସର୍ସ ଲଗାତାର୍ ତାର ୨ ନମ୍ବର୍ ମେଚ୍ ଜିତିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏଜ୍ ଆର୍ ଆଏବା କାଏଲ୍ ଜବର୍ ଶୀତ୍ ଜାରି ରହେବା । ୨ ଦିନ୍ ଉତ୍‌ରୁ ଶୀତ୍ ଟିକେ କମ୍‌ବା । ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, କୋରାପୁଟ୍ ଆର୍ କନ୍ଧମାଲ୍ ଜିଲ୍ଲା ନ ଆଏବା କାଏଲ୍ ବହଲିଆ କୁହୁଡ଼ି ଦେଖାଯିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।